# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 6 June – 2026

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ କ୍ରୀଡ଼ାର ଭବିଷ୍ୟତ ସମନ୍ୱୟ ଓ ସହଭାଗିତାରେ ଉନ୍ନତ ହୋଇପାରିବ; କହିଲେ ରାଜ୍ୟପାଳ

– ଭୁବନେଶ୍ୱରଠାରେ ଦୁଇଦିନିଆ ଚିନ୍ତନ ଶିବିରକୁ କଲେ ଉଦ୍‌ଘାଟନ

- ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଷୟିକ ବୈଠକର ସଫଳତା ସମ୍ପର୍କିତ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ

- ରାଜ୍ୟର ବିଭିନ୍ନ ସ୍ଥାନର ଓଡ଼ିଆ ନାମ ସଂଶୋଧନ ଉପରେ ପଦକ୍ଷେପ ଗ୍ରହଣ କରୁଛନ୍ତି ସରକାର

ଏବଂ

- କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ନେଇ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

BBSR/R

# ଚିନ୍ତନ ଶିବିର

ରାଜ୍ୟରେ କ୍ରୀଡ଼ାର ଭବିଷ୍ୟତ ସମନ୍ୱୟ ଓ ସହଭାଗିତାରେ ଉନ୍ନତ ହୋଇପାରିବ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ଭୁବନେଶ୍ୱରଠାରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆୟୋଜିତ ଦୁଇଦିନିଆ ଚିନ୍ତନ ଶିବିର-୨୦୨୬କୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଛନ୍ତି, କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାର ସଫଳତା ଦେଶ ଓ ବିଦେଶରେ ପ୍ରଶଂସା ସାଉଁଟୁଛି। ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ, ତୃଣମୂଳସ୍ତରରେ ପ୍ରତିଭାର ଅନ୍ୱେଷଣ ଓ ଜାତୀୟ–ଅନ୍ତର୍ଜାତୀୟ ସ୍ତରୀୟ କ୍ରୀଡ଼ା ମହାକୁମ୍ଭ ଆୟୋଜନ କରି ରାଜ୍ୟ ଏକ ଅଗ୍ରଣୀ କ୍ରୀଡ଼ା ଗନ୍ତବ୍ୟସ୍ଥଳ ଭାବେ ନିଜକୁ ପରିଚିତ କରିପାରିଛି। ଚିରାଚରିତ ପ୍ରଥାରୁ ବାହାରି ଅଭିଜ୍ଞତାର ଶିକ୍ଷା ଗ୍ରହଣ କଲେ ନବସୃଜନର ଉଦ୍ଭାବନ ଓ କ୍ରୀଡ଼ା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ସମ୍ଭବପର ହେବ। ଏହି ଚିନ୍ତନ ଶିବିର ତୃଣମୂଳସ୍ତରର କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ, ଆଧୁନିକ ପ୍ରଶିକ୍ଷଣ ପ୍ରଦାନ ଓ ଯୁବପିଢ଼ିଙ୍କୁ ରାଷ୍ଟ୍ର ଗଠନ କାର୍ଯ୍ୟରେ ସାମିଲ କରିବା ପାଇଁ ଦୀର୍ଘକାଳୀନ କାର୍ଯ୍ୟଖସଡ଼ା ପ୍ରସ୍ତୁତରେ ସହାୟକ ହେବ ବୋଲି ରାଜ୍ୟପାଳ ଆଶାବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ କହିଛନ୍ତି,

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଓଡ଼ିଶାକୁ ଦେଶର କ୍ରୀଡ଼ା କ୍ଷେତ୍ର ଭାବେ ଗଢ଼ି ତୋଳିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଦେଶ ଏକ ବୈଶ୍ୱିକ କ୍ରୀଡ଼ା ମହାଶକ୍ତି ଦିଗରେ ଅଗ୍ରସର ହେଉଛି। ଏହି ଲକ୍ଷ୍ୟ ସଠିକ୍ ଖେଳ ସଂସ୍କୃତିର ପ୍ରସାରରେ ଏହା ସହଯୋଗ କରିପାରିବ। ଓଡ଼ିଶାର ବାସ୍ତବ ପ୍ରତିଭା ଗ୍ରାମାଞ୍ଚଳରେ ରହିଥାନ୍ତି। ପଡ଼ିଆରୁ ପୋଡ଼ିୟମ ପର୍ଯ୍ୟନ୍ତ ଦୂରତା ହ୍ରାସ ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ସୁରଜ କହିଛନ୍ତି...

**- V/O -**

ଶିବିରରେ ସରକାର ତଥା ବିଭାଗର କାର୍ଯ୍ୟପନ୍ଥା ସମ୍ବନ୍ଧୀୟ ମାନସମନ୍ଥନ ଉପରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

Desk

## ବ୍ରିକ୍ସ ବିପର୍ଯ୍ୟ ହ୍ରାସ ବୈଠକ

ଭୁବନେଶ୍ୱର ଲୋକସେବା ଭବନଠାରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ-ଏନ୍.ଡି.ଏମ୍.ଏ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ– ଓ.ଏସ୍.ଡି.ଏମ୍.ଏ'ର ମିଳିତ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୁରୀରେ ସଦ୍ୟସମାପ୍ତ ହୋଇଥିବା ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଷୟିକ ବୈଠକର ସଫଳତା ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହିତ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ବିଭାଗୀୟ ମୁଖ୍ୟ କୃଷ୍ଣ ସ୍ୱରୂପ ବସ୍ତ

ଗଣମାଧ୍ୟମକୁ ସମ୍ବୋଧିତ କରିଛନ୍ତି। ଏନ୍.ଡି.ଏମ୍.ଏ'ର ବିଭାଗୀୟ ମୁଖ୍ୟ ଶ୍ରୀ ବସ୍ତ କହିଛନ୍ତି, ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରି ଓଡ଼ିଶା ଶୂନ୍ୟ ଜୀବନହାନୀ ଲକ୍ଷ୍ୟ ହାସଲ କରିଛି। ବ୍ରିକ୍ସ ବୈଠକରେ ଜଳବାୟୁ ପରିବର୍ତ୍ତନର ମୁକାବିଲା, ଉନ୍ନତମାନର ଜ୍ଞାନକୌଶଳର ବ୍ୟବହାର ଏବଂ ତୃଣମୂଳସ୍ତରରେ କାର୍ଯ୍ୟଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି କାର୍ଯ୍ୟକ୍ରମ ରାଜ୍ୟର ସମୃଦ୍ଧି ସାଂସ୍କୃତିକ ଐତିହ୍ୟ ଓ ପର୍ଯ୍ୟଟନ ସମ୍ଭାବନାକୁ ଲୋକଲୋଚନକୁ ଆଣିଛି। ଚଳିତ ବର୍ଷ ଓଡ଼ିଶା ଓ ସମଗ୍ର ଦେଶରେ ଏଲ୍ ନିନୋର ପ୍ରଭାବ କମ୍ ରହିବ ବୋଲି ଶ୍ରୀ ବସ୍ତ କହିଛନ୍ତି।

**- V/O -**

ବ୍ରିକ୍ସ ସମ୍ମିଳନୀରେ ମୁଖ୍ୟତଃ ୬ଟି ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିବା ନେଇ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ କହିଛନ୍ତି। ଓଡ଼ିଶା ଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରି ବିଶ୍ୱରେ ପ୍ରଶଂସା ସାଉଁଟିଛି। ବିପର୍ଯ୍ୟୟ ସମ୍ପର୍କିତ ପୂର୍ବାନୁମାନକୁ ଆହୁରି ସଠିକ୍ କରିବା ଉପରେ ବୈଠକରେ ପ୍ରାଧାନ୍ୟ ପ୍ରଦାନ କରାଯାଇଥିଲା ବୋଲି ଶ୍ରୀ ପାଟିଲ କହିଛନ୍ତି।

HS

## ନାମ ସଂଶୋଧନ

ରାଜ୍ୟର ବିଭିନ୍ନ ଜିଲ୍ଲା, ଉପଖଣ୍ଡ, ବ୍ଲକ ଓ ତହସିଲର ମୂଳ ଓଡ଼ିଆ ନାମ ସଂଶୋଧନ ଉପରେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜସ୍ୱ

ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନରେ ଗଠିତ ବିଶେଷଜ୍ଞ କମିଟିର ଦ୍ୱିତୀୟ ବୈଠକରେ ୫୦ରୁ ଅଧିକ ସ୍ଥାନର ନାମକୁ ସେଗୁଡ଼ିକର ମୂଳ ଓଡ଼ିଆ ଉଚ୍ଚାରଣ ଏବଂ ଐତିହାସିକ ପରିଚୟ ଅନୁଯାୟୀ ପରିବର୍ତ୍ତନ କରିବାକୁ ସୁପାରିସ କରାଯାଇଛି। କମିଟିର ସୁପାରିସ ଅନୁଯାୟୀ, କଳାହାଣ୍ଡି ଜିଲ୍ଲାର 'ଜୁନାଗଡ଼ା', 'କନ୍ଧମାଳ' ଏବଂ ସୁନ୍ଦରଗଡ଼ ଜିଲ୍ଲାର 'ବଣାଇଗଡ଼ା' ଭାବେ ନାମକରଣ କରିବାକୁ ପ୍ରସ୍ତାବ ରହିଛି। ସେହିପରି 'ନିମାପଡ଼ା', 'ଉମରକୋଟ', 'ବୌଦ୍ଧଗଡ଼ା', 'ରାଉରକେଲା', 'ତାଳଚେର' ଏବଂ 'ସୋରା' ପ୍ରଭୃତି ନାମକୁ ମଧ୍ୟ କମିଟି ସଂଶୋଧନ କରିଛି। ଗଞ୍ଜାମ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ସହର ଓ ବ୍ଲକର ନାମକୁ ମଧ୍ୟ ସଂଶୋଧନ କରିବାକୁ କମିଟି ପକ୍ଷରୁ ସହମତି ପ୍ରକାଶ ପାଇଛି।

Sambalpur

## ମୁଖ୍ୟମନ୍ତ୍ରୀ ସମ୍ବଲପୁର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସମ୍ବଲପୁର ଜିଲ୍ଲାକୁ ଦିନିକିଆ ଗସ୍ତରେ ଯାଇ ଏକ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ଅଛନ୍ତି।

Kalahandi

## ଆକାଶବାଣୀ ୯୦ ବର୍ଷ ପୂର୍ତ୍ତି

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ଆକାଶବାଣୀର ୯୦ ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି। ଏହି ଅବସରରେ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସିଆରପିଏଫ୍ କମାଣ୍ଡାଣ୍ଟ ଯୋଗଦେଇ କହିଛନ୍ତି, ସୂଚନା ଓ ପ୍ରସାରଣ କ୍ଷେତ୍ରରେ ଆକାଶବାଣୀର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ସ୍ୱାସ୍ଥ୍ୟ ସଚେତନତା ସହିତ ଦୂରଦୂରାନ୍ତରେ ବସବାସ କରୁଥିବା ଜନସାଧାରଣଙ୍କୁ ନିରନ୍ତର ସେବା ଯୋଗାଇଦେବାରେ ଆକାଶବାଣୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଡିଜିଟାଲ ଯୁଗରେ ଆକାଶବାଣୀ ଆଜି ମଧ୍ୟ ଦେଶର ସବୁଠାରୁ ଲୋକପ୍ରିୟ ଗଣମାଧ୍ୟମର ଭୂମିକା ନିର୍ବାହ କରୁଛି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

Cuttack

## ସଚେତନତା କାର୍ଯ୍ୟକ୍ରମ

କଟକ ଜିଲ୍ଲାପାଳଙ୍କ ସଦ୍‌ଭାବନାସ ସଭାଗୃହରେ ଡେଙ୍ଗୁ, ମ୍ୟାଲେରିଆ, ଫାଇଲେରିଆ ଓ ପୋଲିଓ ନିରାକରଣ ସଚେତନତା ସମ୍ପର୍କିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ  କାର୍ଯ୍ୟକ୍ରମରେ ଯୋଗଦେଇ ପାଣି ଜମୁଥିବା ସ୍ଥାନଗୁଡ଼ିକୁ ଶୁଖିଲା ରଖିବା ତଥା 'ଡ୍ରାଏ ଡେ' ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହିତ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ପରିସରକୁ ପରିଷ୍କାର ପରିଚ୍ଛନ୍ନତା ରଖିବାକୁ ଶ୍ରୀ ସିନ୍ଦେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗାଁ କଲ୍ୟାଣ ସମିତି ଓ ପଞ୍ଚାୟତ

ସଦସ୍ୟଙ୍କୁ ନେଇ ସଚେତନତା ସଭା ଆୟୋଜନ କରିବା ଉପରେ ବୈଠକରେ ମତପ୍ରକାଶ ପାଇଥିଲା ।

Nabarangpur

## ଜନଭାଗିଦାରୀ କାର୍ଯ୍ୟକ୍ରମ

ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶମୂଳକ ଉପଲବ୍ଧି ଓ ଜନଭାଗିଦାରୀ କାର୍ଯ୍ୟକ୍ରମ ଉପରେ  ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୨ ତାରିଖରୁ ଜିଲ୍ଲାରେ 'ବିକାଶର ଧାରା, ଓଡ଼ିଶା ସାରା' ଶୀର୍ଷକ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ । ଏହି ଅବସରରେ ଆୟୁଷ୍ମାନ ବୟୋବନ୍ଦନା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ସୁଭଦ୍ରା ଶକ୍ତି ସମାବେଶ ଓ ବିଭିନ୍ନ ଯୋଜନାର ହିତାଧିକାରୀ ସହାୟତା ରାଶି ପ୍ରଦାନ କରାଯିବ । ସରକାରୀ ଯୋଜନାର ଲାଭ, ହିତାଧିକାରୀଙ୍କ ଯୋଗ୍ୟତା ଏବଂ ଆବେଦନ ପ୍ରକ୍ରିୟା ସମ୍ପର୍କରେ ପୁସ୍ତକ ଏବଂ ସୂଚନା ସାମଗ୍ରୀ ଲୋକମାନଙ୍କ ମଧ୍ୟରେ ବଣ୍ଟନ କରାଯିବ ବୋଲି ଜଣାପଡ଼ିଛି ।

CTC

## ସିଏମ୍ ଟ୍ରଫି

କଟକସ୍ଥିତ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ମୁଖ୍ୟମନ୍ତ୍ରୀ ଟ୍ରଫି-୨.୦କୁ ସାଂସଦ ଭର୍ତ୍ତୃହରି ମହତାବ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଜୋନ୍‌ସ୍ତରୀୟ କବାଡ଼ି ପ୍ରତିଯୋଗିତା-

୨୦୨୬ର ପ୍ରଥମ ସଂସ୍କରଣ ଆଜି ଆରମ୍ଭ ହୋଇଛି। ପ୍ରତିଯୋଗିତାରେ ୮ଟି ଜିଲ୍ଲାର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ଓ ଅନ୍ୱେଷଣ  ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦ ଆୟୋଜିତ ହେଉଛି।

Desk

# ପାଣିପାଗ

କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝଡ଼ବର୍ଷା ନେଇ ୨୩ଟି ଜିଲ୍ଲାକୁ  ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟର ଉପକୂଳ ଅଞ୍ଚଳରେ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସିବା ପର୍ଯ୍ୟନ୍ତ ଗୁଳୁଗୁଳି ଲାଗି ରହିବ । ଗତ ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାରେ ସର୍ବାଧିକ ୬୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।